# ଆଦିବାସୀ ମେଳାରେ କଳାସାମଗ୍ରୀ ପ୍ରତି ଲୋକଙ୍କ ଆଗ୍ରହ

ଆଦିବାସୀ ମେଳା ଓ ଜାତୀୟ ଜନଜାତି ପ୍ରଦର୍ଶନୀର ଆଜି ଥିଲା ଷଷ୍ଠ ଦିବସ । ଗତ ୨୩.୦୪.୨୦୨୨ ରୁ ଅନୁଷ୍ଠିତ ହେଉଥବା ଏହି ମେଳାରେ ଓଡ଼ିଶା ସମେତ ୧୮ଟି ରାଜ୍ୟରୁ ଆସିଥିବା ବିଭିନ୍ନ ଜନଜାତିର କାରିଗର ମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଳା ସାମଗ୍ରୀର ପ୍ରଦର୍ଶନ ସହ ବିକ୍ରୟ କରୁଛନ୍ତି । ସେମାନଙ୍କ କଳାକୃତି ମଧ୍ୟରେ ଓଡ଼ିଶାର କାରିଗର ମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ସଉରା ଏବଂ ଗଣ୍ଡ ଚିତ୍ରକଳା, ବାଉଁଶରୁ ପ୍ରସ୍ତୁତ ବିଭିନ୍ନ ସୌଖିନ ସାମଗ୍ରୀ, ଲାଖରୁ ପ୍ରସ୍ତୁତ ଚୁଡ଼ି, ଆଦିବାସୀ ଅଳଙ୍କାର, ଢ଼ୋକ୍ରା ସାମଗ୍ରୀ, ଜନଜାତି ବସ୍ତ୍ର, ସୂଚୀକର୍ମ, ଖଜୁରୀ ପତ୍ରର ଘର ସଜାଇବା ସାମଗ୍ରୀ, ଅଳଙ୍କାର, ସିକିମର ବେତ ଓ ବାଉଁଶ ପ୍ରସ୍ତୁତି ସୌଖିନ ସାମଗ୍ରୀ, ଅରୁଣାଚଳ ପ୍ରଦେଶର ମାଟି ପାତ୍ର ଏବଂ ତାଳପତ୍ର ପ୍ରସ୍ତୁତ ସାମଗ୍ରୀ, ଉତର ପ୍ରଦେଶର ହସ୍ତତନ୍ତ, ଉତରାଖଣ୍ଡର ବାଉଁଶ, କାଠ ଏବଂ ଧାତବ ସାମଗ୍ରୀ, ଝାରଖଣ୍ଡର ବାଉଁଶ ଓ ଧାତବ କଳା ସାମଗ୍ରୀ, ମହାରାଷ୍ଟ୍ରର ୱାର୍‌ଲି ଚିତ୍ର ଏବଂ ବାଉଁଶ କଳା ସାମଗ୍ରୀ, ପଶ୍ଚିମବଙ୍ଗର ଅଳଙ୍କାର, ହସ୍ତତନ୍ତ, ଘାସକାଠିରୁ ପ୍ରସ୍ତୁତ ସାମଗ୍ରୀ, ରାଜସ୍ଥାନର କାଗଜ କାରିଗରୀ, ପଥର ମୂର୍ତୀ, ଚିତ୍ର, ଗୁଜୁରାଟର ନାଗ୍‌ଲି ଓ ବାଉଁଶ କାରିଗରୀ, ଆନ୍ଧ୍ରପ୍ରଦେଶର ମାଟିପାତ୍ର, ଟେରାକୋଟା ଏବଂ ତାଳପତ୍ରରୁ ପ୍ରସ୍ତୁତ ସାମଗ୍ରୀ, କେରଳର ବାଦ୍ୟଯନ୍ତ୍ର ଏବଂ ପାରମ୍ପରିକ ବାଉଁଶ ପ୍ରସ୍ତୁତ ସାମଗ୍ରୀ, ଚତିଶଗଡ଼ର ଢ଼ୋକ୍ରା, ବାଉଁଶ ଏବଂ ଲୌହ ସାମଗ୍ରୀ, ତାମିଲନାଡୁର ସୂଚିକର୍ମ ଯୁକ୍ତ ବସ୍ତ୍ର, ତେଲେଙ୍ଗାନାର ମୁଖା, ମଧ୍ୟପ୍ରଦେଶର ଗଣ୍ଡଚିତ୍ର ଏବଂ ପିତଳ କଳାବସ୍ତୁ ଇତ୍ୟାଦି ଏଠାରେ ପ୍ରଦର୍ଶିତ କରାଯାଉଛି । ଏହାଛଡା ଆଦିବାସୀ ମେଳାରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଆସିଥିବା ଜନଜାତିଙ୍କ ଉତ୍ପାଦିତ ଓ ସଂଗୃହୀତ କୃଷି ଓ ବନଜାତ ଦ୍ରବ୍ୟ କିଣିବା ପାଇଁ ମେଳାକୁ ଆସୁଥିବା ଦର୍ଶକଙ୍କ ଭରପୁର ଭିଡ଼ ଲାଗି ରହୁଛି । ଆଜିର ନୃତ୍ୟ ପ୍ରଭାଗରେ ପାରଳାଖେମୁଣ୍ଡିର ସଉରା ନୃତ୍ୟ, ଲାଞ୍ଜିଗଡ଼ର ଢ଼ାପ ନୃତ୍ୟ, ଚମ୍ପୁଆର ବାହା ପରବ, ମୁଣ୍ଡାଙ୍କ କରମା ନୃତ୍ୟ, ଭୂୟାଁ ମାନଙ୍କ ବିହା ନାଚ ଏବଂ ସଉରାମାନଙ୍କ କାନ୍ଦୁଲ ନୂଆଖିଆ ନାଚରେ ଦର୍ଶକ ବିମୋହିତ ହୋଇଥିଲେ ।

***